# ତହସିଲଦାରଙ୍କ ଅଦାଲତ, କେନ୍ଦୁଝର

ରାଜସ୍ୱ ବିବିଧ ମାମଲା ନଂ.-୮୯/୨୦୨୩

## ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ ତଫସିଲଭୁକ୍ତ ସରକାରୀ ଜମିକୁ ଶ୍ରୀ ଗଣେଶ ଶିକ୍ଷା କେନ୍ଦ୍ର, ପୁରୁଣା ବଜାର, କେନ୍ଦୁଝର କୁ ଲିଜ ସୂତ୍ରେ ଦେବା ନିମନ୍ତେ ପ୍ରଧାନ ଆଚାର୍ଯ୍ୟ, ଶ୍ରୀ ଗଣେଶ ଶିକ୍ଷା କେନ୍ଦ୍ର, ପୁରୁଣା ବଜାର, କେନ୍ଦୁଝର ଆବେଦନ କରିଛନ୍ତି । ଉକ୍ତ ଜମିର କିସମ ତଇଲା-୨ ଥାଇ ଏହା ଅନାବାଦି ଖାତାରେ ଅଛି । ଏଣୁ ଆବେଦନ କରିଥିବା ଜମିର ସରକାରୀ ଉଦ୍ଦେଶ୍ୟରେ ସୁବିନିଯୋଗ ନିମନ୍ତେ ନିମ୍ନ ପ୍ରଦତ୍ତ ପ୍ରସ୍ତାବ ଅନୁଯାୟୀ ଏହାର କିସମ ପରିବର୍ତ୍ତନ ଅପରିହାର୍ଯ୍ୟ ହୋଇପଡିଛି। ଉକ୍ତ ସରକାରୀ ଜମିକୁ ସେହି ଉଦ୍ଦେଶ୍ୟରେ ପରିବର୍ତ୍ତନ କରାଗଲେ ଯଦି କୌଣସି ବ୍ୟକ୍ତି ବିଶେଷ/ସଂପୃକ୍ତ ଗ୍ରାମବାସୀ/ସଂପୃକ୍ତ ଗ୍ରାମ ପଞ୍ଚାୟତ/ ପୌରପାଳିକାଙ୍କର କୌଣସି ଆପତ୍ତି ଅଭିଯୋଗ ଥାଏ, ତା ହେଲେ ସେ/ସେମାନେ ଏହି ଇସ୍ତାହାର ପ୍ରକାଶନର ୧୫ ଦିନ ମଧ୍ୟରେ ସେମାନଙ୍କର ଆପତ୍ତି ଅଭିଯୋଗ ଲିଖିତ ଆକାରରେ ଟ.୨୦.୦୦ଙ୍କା (**କୋଡିଏ** ଟଙ୍କା)ର କୋର୍ଟ ଫି ସଂଲଗ୍ନ କରି ନିମ୍ନ ସ୍ୱାକ୍ଷରକାରୀଙ୍କୁ ଦରଖାସ୍ତ କରିପାରିବେ ଏବଂ ତାହା ବିଚାର ପାଇଁ ଗ୍ରହଣ ଯୋଗ୍ୟ ହେବ । ନିର୍ଦ୍ଧାରିତ ସମୟ ପରେ କୌଣି ଆପତ୍ତି ଦରଖାସ୍ତ ବିଚାର ପାଇଁ ଯୋଗ୍ୟ ବିବେଚିତ ହେବନାହିଁ।

### ତଫସିଲ

| ମୌଜା- ଚକ୍ରପାଢୀ ବନ୍ଧତଳ ୟୁ.ନଂ. ୩ | | | | ତହସିଲ: କେନ୍ଦୁଝର | | | |
|---|---|---|---|---|---|---|---|
| ହାଲ ମୁତାବକ | | | | ପ୍ରସ୍ତାବିତ ଅନୁଯାୟୀ | | | |
| ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା (ଏକରରେ) | ଖାତା ନଂ. | ପ୍ଲଟ ନଂ. | କିସମ | ଲିଜ ପାଇଁ ପ୍ରସ୍ତାବିତ ରକବା (ଏକାରରେ) |
| ୧୫୨ (ଅନାବାଦି) | ୭୨୧/୭୬୫ | ତଇଲା-୨ | ୦.୭୮୦ | ୧୫୨ (ଅନାବାଦି) | ୭୨୧/୭୬୫/୧ | ପତିତ | ୦.୨୦୦ |
| | | | | ମୋଟ: | | | ୦.୨୦୦ |

ତହସିଲଦାର, କେନ୍ଦୁଝର
TAHASILDAR
KEONJHAR

ଏହାର ଏକକିତା ନକଲ ସଂପୃକ୍ତ ଗ୍ରାମରେ ଡାକ ବାଜି ଜନ୍ତ ଦ୍ୱାରା ପ୍ରଚାର/ ପ୍ରକାଶ ନିମନ୍ତେ କରାଗଲା / ଅନ୍ୟ ଏକକିତା ନକଲ District Website: www. Kendujhar.nic.in ରେ ପ୍ରକାଶନ ପାଇଁ / ଏକ କିତା ନକଲ କେନ୍ଦୁଝର ପୌରପାଳିକା କାର୍ଯ୍ୟାଳୟ/ ଏବଂ ଅନ୍ୟ ଏକକିତା ନକଲ ତହସିଲ୍ କାର୍ଯ୍ୟାଳୟ, କେନ୍ଦୁଝରଙ୍କ ନୋଟିସ୍ ବୋର୍ଡରେ ପ୍ରକାଶନ ପାଇଁ ପ୍ରେରିତ ହେଲା

ତହସିଲଦାର, କେନ୍ଦୁଝର
TAHASILDAR
KEONJHAR

Scanned with OKEN Scanner